## ନୀତିଶ୍ଳୋକ

**ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।**
**ଏତଜ୍ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ॥**

**ଅଧ୍ୟାତ୍ମଜ୍ଞାନରେ ନିତ୍ୟ-ନିରନ୍ତର ସ୍ଥିତ ହେବା, ତତ୍ତ୍ୱଜ୍ଞାନର ଅର୍ଥସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା ଏହାକୁ (ପୂର୍ବୋକ୍ତ କୋଡିଏଟି ସାଧନାକୁ) ଜ୍ଞାନ କୁହାଯାଇଛି ଏବଂ ଏହାର ବିପରୀତକୁ ଅଜ୍ଞାନ କୁହାଯାଇଛି ।**

# ହାଫିଜକୁ 'ସାହେବ' କହୁଥିବା ଲୋକଙ୍କୁ ଚିହ୍ନ

ସନ୍ତ୍ରାସବାଦୀଙ୍କୁ ସହଯୋଗ କରିବା, ଆଫଗାନ ମାଟିରେ ବାରମ୍ବାର ବିସ୍ଫୋରଣ ଘଟାଇ ସେଠାକାର ସରକାରଙ୍କୁ ତାଲିବାନର ଭୟ ଦେଖାଇବା, କାଶ୍ମୀର ସୀମାରେ ବାରମ୍ବାର ଅସ୍ତ୍ର ବିରତିକୁ ଉଲ୍ଲଂଘନ କରି ଗୁଳିଚାଳନା କରିବା, ସନ୍ତ୍ରାସବାଦୀଙ୍କୁ ଭାରତକୁ ପଠାଇବା, ସରକାର ସନ୍ତ୍ରାସବାଦୀଙ୍କୁ ସ୍ୱାଧୀନତା ସଂଗ୍ରାମୀ କହିବା, ଚୀନର ଦମ୍ଭରେ ଆମେରିକାକୁ ନାଲିଆଖି ଦେଖାଇବା ଉଦ୍ୟମକୁ ଆଡ ହାତରେ ଡୋନାଲଡ ଟ୍ରମ୍ପ ଏଡାଇ ଦେଇ ପ୍ରତିବର୍ଷ ପାକ୍ ସରକାରଙ୍କୁ ଦେଉଥିବା ବାର୍ଷିକ ସହାୟତା ଅର୍ଥ ବନ୍ଦ କରିବାକୁ ଧମକ ଦେବାପରେ ପାକିସ୍ଥାନ ସନ୍ତ୍ରାସବାଦର କାରଖାନା ବନ୍ଦ କରିଦେବ ବୋଲି ଆଶା କରାଯାଉଥିଲା । କିନ୍ତୁ ଏହା ଏତେ ସହଜ ନୁହେଁ । ଆତଙ୍କବାଦ ପ୍ରସଙ୍ଗରେ ଅନ୍ତରାଷ୍ଟ୍ରୀୟ ସମୁଦାୟର ଚାପକୁ ନେଇ ପାକ୍‌ର ଗଣମାଧ୍ୟମରେ ଆଲୋଚନା କରଥିଲେ ମଧ୍ୟ ପାକିସ୍ତାନର ନେତାଙ୍କ ଉପରେ ଏହାର କିଛି ପ୍ରଭାବ ପଡିଥିବା ମନେ ହେଉ ନାହିଁ । ସମସ୍ତ ବିଶ୍ୱ ଲସ୍କର-ଇ-ତୋଇବାର ପ୍ରତିଷ୍ଠାତା ତଥା ଜମାତ୍-ଉଦ୍-ଦାୱାର ମୁଖ୍ୟ ଏବଂ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହାଫିଜ ସଇଦକୁ ଦୁର୍ଦ୍ଧାନ୍ତ ଆତଙ୍କବାଦୀର ଆଖ୍ୟା ଦେଇଛି । ହେଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ତାକୁ 'ଆଜ୍ଞା', 'ଆପଣ' ଓ 'ସାହେବ' ଭାବେ ସମ୍ବୋଧନ କରିଛନ୍ତି । ଜାତିସଂଘ ଦ୍ୱାରା ଘୋଷିତ ଏଭଳି ଆତଙ୍କବାଦୀ ହେଉଛି ହାଫିଜ । ତା'ର ମୁଣ୍ଡ ପାଇଁ ୧୦ ନିୟୁତ ଆମେରିକୀୟ ଡଲାର ଘୋଷଣା କରାଯାଇଛି । ସଇଦକୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ସାହିଦ କଖନ ଅବ୍ବାସୀ ଏବେ 'ସାହେବ' ବୋଲି ସମ୍ବୋଧନ କରିଛନ୍ତି । ସେ କହିଛନ୍ତି ହାଫିଜ ସାହେବଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯିବ ନାହିଁ । କାରଣ ତାଙ୍କ ବିରୁଦ୍ଧରେ କୌଣସି ମାମଲା ହିଁ ନାହିଁ । ଏଥିରୁ ପାକିସ୍ତାନ ଯେ ଆତଙ୍କବାଦୀମାନଙ୍କୁ କିଭଳି ସୁରକ୍ଷା ଓ ପ୍ରଶ୍ରୟ ଦେଉଛି ଓ ଏହାର ସରକାରମାନେ ଆତଙ୍କବାଦୀଙ୍କ ଈଶାରାରେ ନାଚୁଛନ୍ତି ତାହା ପ୍ରମାଣିତ ହେଉଛି । ଆତଙ୍କବାଦ ବିରୋଧରେ ନୁହେଁ ବରଂ ଆତଙ୍କବାଦୀଙ୍କୁ ଲଗାଇ ପାକିସ୍ତାନ ମାନବବାଦ ବିରୋଧରେ ଛଦ୍ମଯୁଦ୍ଧ ଚଳାଇଥିବା ସ୍ପଷ୍ଟ ହୋଇଛି ।

ଭାରତ ବାରମ୍ବାର ଆମେରିକାକୁ ପାକିସ୍ଥାନର ଦୋହରା ଚାଲ ବିଷୟରେ କହି ଆସୁଥିଲେ ହେଁ ଓବାମା ସରକାର ଏଥିପ୍ରତି ଅଧିକ ଗୁରୁତ୍ୱ ନଦେଇ ଚୁପ୍ ରହିଥିଲେ । କିନ୍ତୁ ଏବେ ସମୟ ବଦଳିଛି । ପାକିସ୍ତାନର ଅସଲି ଚେହେରା ଆମେରିକା ବୁଝିପାରୁଛି ।

ଏସିଆରେ ଆମେରିକା ଅନେକ ଅର୍ଥ ଖର୍ଚ୍ଚ କରି ଯେତିକି ଲାଭ ନେଉନାହିଁ ଚୀନ ତାଠାରୁ ବହୁଗୁଣ ଲାଭ ଶସ୍ତା ବସ୍ତୁ ବିକ୍ରିରୁ କରୁଛି । ଆଫଗାନିସ୍ଥାନରେ ଚୀନର ବଜାର ବଢିଲେ ଆମେରିକାର ପ୍ରଭାବ ସୀମିତ ହେବ । ପାକ୍ ସହାୟତାରେ ଚୀନ ଆଫଗାନିସ୍ଥାନକୁ ନିଜ ପକ୍ଷକୁ ନେବାଲାଗି ଅର୍ଥଲୋଭ ଦେଖାଉଛି । ଦୀର୍ଘଦିନ ଧରି ଆଫଗାନିସ୍ଥାନ ପାଇଁ ଆମେରିକାର ଯେତେ ଜନଧନ କ୍ଷତିହେଲାଣି ତାହା ଭରଣା ହେବା ସହଜ ନୁହେଁ । କିନ୍ତୁ ପାକ୍‌ର ଡବଲଗେମ୍ ଆମେରିକା କର୍ତ୍ତୃପକ୍ଷ ଏବେ ବୁଝିବା ପରେ ଧୀରେ ଧୀରେ କାର୍ଯ୍ୟାନୁଷ୍ଠାନ କରିବା ଆରମ୍ଭ କରିଛନ୍ତି । ପାକ୍ ସରକାର ହାଫିଜ ସଇଦ ପରି ସନ୍ତ୍ରାସବାଦୀକୁ କାରାଗାରରୁ ବାହାର କରି ଏବେ ତାକୁ ନେତା ହେବାରେ ସାହାଯ୍ୟ କରୁଛନ୍ତି । ପାକ୍ ସେନାବାହିନୀର ସମର୍ଥନ ହାଫିଜ ସହ ରହିଛି । ହାଫିଜ୍ ସହ ସଭାରେ ସାମିଲ ହୋଇଥିବା ପାଲେଷ୍ଟାଇନ ରାଷ୍ଟ୍ରଦୂତଙ୍କ ଫଟୋ ନଜରକୁ ଆସିବାପରେ ଭାରତ ସରକାର ପାଲେଷ୍ଟାଇନ କର୍ତ୍ତୃପକ୍ଷଙ୍କ ନିକଟରେ କଡା ପ୍ରତିବାଦ କରିବାପରେ ଉକ୍ତ ରାଷ୍ଟ୍ରଦୂତଙ୍କୁ ପାକିସ୍ଥାନରୁ ପାଲେଷ୍ଟାଇନ ଫେରାଇ ନେବାକୁ ବାଧ୍ୟ ହୋଇଥିଲେ । ଭାରତର ଏହି ଆଭିମୁଖ୍ୟକୁ ଆମେରିକା ମଧ୍ୟ ପସନ୍ଦ କରିଥିଲା । ସନ୍ତ୍ରାସବାଦୀଙ୍କୁ ଦମନ ନ କଲେ ନେଭି ସିଲ ପଠାଇ ସେମାନଙ୍କୁ ପାକ୍ ମାଟିରେ ଖତମ୍ କରିବାକୁ ଟ୍ରମ୍ପ ପୂର୍ବରୁ ପାକ୍ ସରକାରଙ୍କୁ ଜଣାଇଥିଲେ । ଅଥଚ ପାକ ସରକାରଙ୍କ ଉପରେ ତାର ପ୍ରଭାବ ପଡିନଥିଲା । ଆଫଗାନିସ୍ଥାନର ତାଲିବାନକୁ ପାକ୍‌ସେନା ସହାୟତା ଯୋଗାଉଥିବାରୁ ଆଫଗାନିସ୍ଥାନରେ ଏବେ ଆତ୍ମଘାତୀ ଆକ୍ରମଣ ବଢିବାରେ ଲାଗିଛି । ସିରିଆ ଓ ଇରାକ୍‌ରୁ ଛତ୍ରଭଙ୍ଗ ଦେଇଥିବା ଆଇଏସ୍ ବାହିନୀର ସନ୍ତ୍ରାସବାଦୀମାନେ ଏବେ ଦକ୍ଷିଣ ଆଫଗାନିସ୍ଥାନରେ ଶରଣ ନେଇଥିବା କୁହାଯାଉଛି । ଯାହାଫଳରେ ସେଠାରେ ଅଧିକ ସଂଖ୍ୟକ ବିସ୍ଫୋରଣ ହେବାରେ ଲାଗିଛି । ତାଲିବାନ ଆକ୍ରମଣ ପଛରେ ପାକ୍ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ସୂଚନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଗୋଟିଏ ପଟେ ମୁସଲିମ ଦେଶଗୁଡିକୁ ଅଧିକ କଠୋର କରିବା ସପକ୍ଷରେ ପାକ୍ ସେନାବାହିନୀ ଇସଲାମିକ ସାମରିକ ମେଣ୍ଟର ମୁଖ୍ୟ ତଥା ପାକ୍‌ସେନାର ପୂର୍ବତନ ସ୍ଥଳ ସେନା ମୁଖ୍ୟ ରାହିଲ ସରିଫଙ୍କ ମାଧ୍ୟମରେ ପ୍ରୟାସ କରୁଛି । ଆମେରିକା ଆରବ ଜଗତରେ ଇସଲାମିକ ମେଣ୍ଟକୁ ଦୁର୍ବଳ କରିବାକୁ ପ୍ରୟାସ କରି ସାଉଦି ଆରବକୁ ଅର୍ଥ ଦେଇ କିଛିଟା ସକ୍ଷମ ହୋଇଛି । କିନ୍ତୁ ପାକ୍ ସେନା ଇସଲାମିକ ସନ୍ତ୍ରାସ ମାଧ୍ୟମରେ ପ୍ରଭାବ ବିସ୍ତାର କରି ଅନ୍ୟଦେଶର କ୍ଷତି କରିବାରେ ବ୍ୟସ୍ତ ରହିଛି । ଗୋଟିଏ ପଟେ ସନ୍ତ୍ରାସବାଦ ସହ ଲଢିବା ଲାଗି ଆମେରିକାଠାରୁ ଅର୍ଥନେଇ ଅପରପକ୍ଷେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଚାଲିଛି ପାକିସ୍ଥାନ ।

ପାକିସ୍ଥାନକୁ ଆମେରିକାର ଧମକ କାଟୁ କରୁ ନାହିଁ । ଆମେରିକା ପାକିସ୍ଥାନର ପଡୋଶୀ ଦେଶ ନୁହେଁ ଯେ ପାକ୍ ସେନା ଅଧିକ କିଛି କରିପାରିବ କିନ୍ତୁ ଆମେରିକା କଟକଣା ଲଗାଇଲେ ପାକିସ୍ଥାନର ଅନେକ କ୍ଷତି ହେବ । ଆର୍ଥିକ କଟକଣା ଲଗାଇଲେ ପାକିସ୍ଥାନର ଆଭ୍ୟନ୍ତରୀଣ ସ୍ଥିତି ଦୋହଲିଯିବ । ହେଲେ ଏଥି ସହିତ ପାକିସ୍ତାନ ଉପରେ ଅଧିଖ କୂଟନୈତିକ ଚାପ ପ୍ରୟୋଗ କରିବାର ଆବଶ୍ୟକତା ରହିଛି । କିନ୍ତୁ ଏହି ଦେଶ ଏକ ଅଭଦ୍ର ଓ ଗାଲୁଆ ଦେଶ ହୋଂଇଥିବାରୁ ସବୁ ପ୍ରମାଣକୁ ଅଗ୍ରାହ୍ୟ କରିବା ଏହାର ଏକ ପୁରୁଣା ଅଭ୍ୟାସ । ତେଣୁ ଚାପ ସହିତ ଏହା ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଦରକାର ।

ମୁମ୍ବଇ ଆକ୍ରମଣ ପାକିସ୍ତାନ ପ୍ରାୟୋଜିତ ବୋଲି ଭାରତ ବାରମ୍ବାର ଦାବି କରିଆସୁଥିବାବେଳେ ଇସଲାମାବାଦ ଏହାକୁ ଅଗ୍ରାହ୍ୟ କରିଚାଲିଛି । ଆତଙ୍କବାଦୀମାନଙ୍କୁ ପାକିସ୍ତାନ ହିଁ ପାଳିଛି । ପାକିସ୍ତାନ ପରିଚାଳିତ ଲସ୍କର-ଇ-ତୋଇବା, ଜମାତ ଉଦ ଦାୱା , ହିଜବୁଲ ମୁଜାହିଦ୍ଦିନ ଓ ଜୈସ-ଇ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନ କାଶ୍ମୀରରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ଅଲକାଏଦା ଜୈସ-ଏ-ମହମ୍ମଦ, ଲସ୍କର-ଏ-ତୋଇବା, ସିପା-ଏ-ସହାବା ଆଦି ସନ୍ତ୍ରାସବାଦୀ ସଂଗଠନର ତାଲିମ ପାଇଁ ଅନେକ କେନ୍ଦ୍ର ପାକିସ୍ତାନରେ ସକ୍ରୀୟଭାବେ କାର୍ଯ୍ୟ କରୁଛନ୍ତି । ବିଶ୍ୱ ସମୁଦାୟ ମଧ୍ୟ ଭାରତର ଅଭିଯୋଗକୁ ଗୁରୁତ୍ୱ ଦେଉ ନଥିଲେ । କାରଣ ପାକିସ୍ତାନ ଆମେରିକାର ସମର୍ଥକ ଗୋଷ୍ଠୀରେ ଥିବାରୁ ତାକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ କୂଟନୈତିକ ଫାଇଦା ମିଳିଯାଉଥିଲା । ହେଲେ ୨୦୦୧ରେ ଆମେରିକା ଉପରେ ୯/୧୧ ଆତଙ୍କବାଦୀ ଆକ୍ରମଣ ପରେ ଘଟଣାକ୍ରମ ପରିବର୍ତ୍ତିତ ହୋଇଥିଲା । ସତ୍ୟ କ'ଣ ଓ କିଏ ମିଛ କହୁଛି ଏହା ପାକିସ୍ତାନ ମାଟିରୁ ହିଁ ଆୱାଜ ଆସୁଛି । ମୁମ୍ବଇ ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ଭାରତ ଅନେକ ପ୍ରମାଣ ଦେଇଥିବାବେଳେ ଏହା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯଥେଷ୍ଟ ନୁହେଁ ବୋଲି ପାକିସ୍ତାନ କହି ଆସୁଛି । ପାକିସ୍ତାନର ଦୋମୁହାଁ ନୀତି ଓ ଆତଙ୍କବାଦକୁ ଖୋଲାଖୋଲି ପ୍ରୋତ୍ସାହନ ନେଇ ଅନେକ ପ୍ରମାଣ ଏହାର ନିଜ ନେତା ଓ ସରକାର ଯୋଗାଇ ଦେଉଛନ୍ତି । ପାକିସ୍ତାନ ଏକ ମିଛୁଆ ରାଷ୍ଟ୍ର ଯେକି ଅନ୍ତରାଷ୍ଟ୍ରୀୟ ସମୁଦାୟକୁ ଭୁଆଁ ବୁଲାଇ ଆସୁଛି ଏହା ସ୍ପଷ୍ଟ ହୋଇଛି । ଏବେ ପାକିସ୍ତାନ ସେନା ଯଦି ଆତଙ୍କବାଦକୁ ସମର୍ଥନ ବନ୍ଦ ନକରେ ଓ ପାକିସ୍ତାନ ଯଦି ଆତଙ୍କବାଦ ପ୍ରସଙ୍ଗରେ ନ ଚେତିବ ତା'ହେଲେ ନିଜେ ଘାଣ୍ଟି ହେବା ସହ ପଡୋଶୀଭାବେ ଆମକୁ ମଧ୍ୟ ସନ୍ତାପିତ କରୁଥିବ ।

# ଜନ ସେବକ ଠକ୍କର ବାପା

ଓଡ଼ିଶାର ବନ୍ଧୁ ଭାବେ ସୁପରିଚିତ ଜନସେବକ ବିଶିଷ୍ଟ ସଂଗ୍ରାମୀ ଠକ୍କର ବାପା ଗୁଜୁରାଟର ଭାବନଗର ଠାରେ ୧୮୬୯ ନଭେମ୍ବର ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୮୯୦ରେ ପୁନା ଇଞ୍ଜିନିୟରିଂ କଲେଜରୁ ସମ୍ମାନର ସହିତ ଇ.ସି.ଇ. ଉପାଧି ପାଇଥିଲେ । ଦେଶ ମାତୃକାରର ସେବା ପାଇଁ ୧୯୧୪ ଫେବୃୟାରୀ ୬ ତାରିଖ ଦିନ ସେ ଆକର୍ଷଣୀୟ ବୃତ୍ତିରେ ଥିବା ଉଚ୍ଚ ପଦବୀର ଚାକିରୀକୁ ପ୍ରତ୍ୟାଖ୍ୟାନ କରି ସଂଗ୍ରାମୀ ଗୋପାଳକୃଷ୍ଣ ଗୋଖଲେଙ୍କ ଦ୍ୱାରା ପ୍ରତିଷ୍ଠିତ ସେବାଭିମୁଖୀ ସଂଗଠନ ସର୍ଭେଣ୍ଟ ଅଫ୍ ଇଣ୍ଡିଆ ସୋସାଇଟିର ଜଣେ ସଭ୍ୟ ଭାବେ ସାମିଲ ହୋଇଥିଲେ । ୧୯୨୦ ମସିହାରେ ଗାନ୍ଧିଜୀ ଉତ୍କଳମଣି ଗୋପବନ୍ଧୁଙ୍କ ନିକଟତର ହୋଇ ତତ୍କାଳୀନ ସମୟରେ ଦୁର୍ଭିକ୍ଷ ପ୍ରପୀଡ଼ିତ ଓଡ଼ିଶାରୁ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ସେ ଠକ୍କର ବାପାଙ୍କୁ ଓଡ଼ିଶା ପଠେଇଥିଲେ । ୧୯୪୨ ଓ ୧୯୪୪ରେ ଓଡ଼ିଶାରେ ସଂଗଠିତ ଭୟାବହ ବନ୍ୟା ଓ ବାତ୍ୟା ପ୍ରପୀଡ଼ିତଙ୍କ ପାଖରେ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଠକ୍କର ବାପାଙ୍କ ସୁପରିଚାଳନାରେ ଦାୟିତ୍ୱ ସମ୍ପନ୍ନ ହୋଇଥିଲା । ଠକ୍କର ବାପାଙ୍କ ପ୍ରୋତ୍ସାହନରେ ଓଡ଼ିଶାରେ ଖଦୀ ପ୍ରସ୍ତୁତି ପାଇଁ ଏକ ପ୍ରକାର ଭିତ୍ତି ହିଁ ପଡ଼ିଥିଲା । ଗୋରା ଫଉଜଙ୍କ ବିରୁଦ୍ଧରେ ସଂଗ୍ରାମ ପାଇଁ ସେ ବିଭିନ୍ନ ସେବାଶ୍ରମ ଓ ସେବାକୁଟୀର ଗଢ଼ି ସଂଗ୍ରାମୀ ମାନଙ୍କୁ ନିରାପଦ ଆଶ୍ରୟ ଦେଇପାରୁଥିଲେ । ସେ ଓଡ଼ିଶାରେ କପାଚାଷ, ମହୁଚାଷ, କତା ଶିଳ୍ପ ଓ ମୌଳିକ ଶିକ୍ଷାଦାନ ପାଇଁ କ୍ଷେତ୍ର ପ୍ରସ୍ତୁତ ବି କରିଥିଲେ । ଗାନ୍ଧିଜୀଙ୍କ କୁଟି ଖାଅ ଓ କାଟି ପିନ୍ଧ ଆହ୍ୱାନକୁ ପ୍ରଥମେ ଓଡ଼ିଶା ଭଳି ପଛୁଆ ରାଜ୍ୟରୁ ପୂର୍ଣ୍ଣ ସମର୍ଥନ ମଳିବା ପଛରେ ଥିଲା ଠକ୍କର ବାପାଙ୍କ ସହଯୋଗ । ସେ ଭାରତର ସ୍ୱାଧୀନତା ସଂଗ୍ରାମକୁ ସଫଳ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଗାନ୍ଧିଜୀଙ୍କ ହରିଜନ ଆନ୍ଦୋଳନର ଜଣେ ସୁଦକ୍ଷ ସହଯୋଗୀ ଥିଲେ ସେ । ଗାନ୍ଧିଜୀଙ୍କ ଦ୍ୱାରା ଗଠିତ ନିଖିଳ ଭାରତ ହରିଜନ ସେବକ ସଂଘର ପ୍ରଥମ ଜାତୀୟ ସମ୍ପାଦକ ଭାବେ ସେ ଗୁରୁଦାୟିତ୍ୱକୁ ବେଶ୍ ସଫଳତାର ସହ ତୁଲାଇବାକୁ ସକ୍ଷମ ହୋଇଥିଲେ । ଠକ୍କର ବାପା ଜଣେ ସଚ୍ଚୋଟ ସତ୍ୟନିଷ୍ଠ କର୍ମୀ, ସଚ୍ଚା ଦେଶଭକ୍ତ ଓ ଯଥାର୍ଥରେ ଥିଲେ ଦୁଃଖି ଜନତାର ବନ୍ଧୁ । ଏହି ମହାନ ସଫଳ ଜନସେବକ ୧୯୫୦ ମସିହା ଜାନୁୟାରୀ ୧୯ ତାରିଖ ଦିନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

**ଡ଼ଃ.ଅରୁନ୍ଧତୀ ଦେବୀ**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୪୩୭୧୨୪୫୭୨**

# ପୂର୍ବ-ଏସିଆ ଶିଖର ବୈଠକ


**ସୌମେନ୍ଦ୍ର ଜେନା**

୧୪ ନଭେମ୍ବର ୨୦୧୭ଦିନ ଫିଲିପାଇନ୍‌ସର ରାଜଧାନୀ ମାନିଲାଠାରେ ପୂର୍ବ ଏସିଆ ରାଷ୍ଟ୍ର ଗୋଷ୍ଠିର ୧୨ଶ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆସିଆନର ୧୦ଦେଶ, ପୂର୍ବ ଏସିଆର ଭାରତ ସମେତ ୪ଦେଶ, ଦକ୍ଷିଣ ପୃଥିବୀର ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ, ୨ ମହାଶକ୍ତି ରୁଷିଆ ଏବଂ ଆମେରିକା ଯୋଗଦେଇଥିଲେ । ୧୯୯୧ରେ ମାଲେସିଆର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମାହାଥିର ମହମ୍ମଦଙ୍କ ପ୍ରସ୍ତାବ କ୍ରମେ ଏହି ସଂଗଠନର ବିଚାର ଆସିଥିଲା । ୧୪ ଡିସେମ୍ବର ୨୦୦୫ରେ ଏହାର ପ୍ରଥମ ଶିଖର ବୈଠକ ମାଲେସିଆର ରାଜଧାନୀ କୁଆଲା ଲୁମ୍ପୁରଠାରେ ହୋଇଥିଲା ।

ଆସିଆନ ସଂଗଠନକୁ ଅଧିକ ସହଯୋଗ ମିଳିବା ଲକ୍ଷ୍ୟରେ ପୂର୍ବଏସିଆ ରାଷ୍ଟ୍ର ଗୋଷ୍ଠୀରେ ଚୀନ, ଦକ୍ଷିଣ କୋରିଆ ଓ ଜାପାନକୁ ପ୍ରଥମେ ରଖାଯାଇଥିଲା । କିନ୍ତୁ କ୍ଷେତ୍ରୀୟ ସନ୍ତୁଳନ ରକ୍ଷା ନିମନ୍ତେ ପରେ ଭାରତକୁ ଏଥିରେ ନେବା ସହ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଆମେରିକା ଓ ରୁଷିଆକୁ ମଧ୍ୟ ସାମିଲ କରାଯାଇଥିଲା । ଏହାର ୨ୟ ବୈଠକ ୧୫ ଜାନୁଆରୀ ୨୦୦୭ରେ ଫିଲିପାଇନ୍‌ସର ମାଣ୍ଡାଓଠାରେ ହୋଇଥିଲା । ଏଠାରେ ଶକ୍ତିସୁରକ୍ଷା ନେଇ ଘୋଷଣାନାମା ପ୍ରକାଶ ପାଇଥିଲା । ୩ୟ ବୈଠକ ୨୧ ନଭେମ୍ବର ୨୦୦୭ରେ ସିଙ୍ଗାପୁରଠାରେ ହୋଇଥିଲା । ଜଳବାୟୁ ପରିବର୍ତ୍ତନ ନେଇ ମିଳିତ ଘୋଷଣାନାମା ପ୍ରକାଶ ପାଇବା ସହ ଆସିଆନ ଓ ପୂର୍ବ ଏସିଆ ପାଇଁ ଏକ ଆର୍ଥିକ ଗବେଷଣା ପ୍ରତିଷ୍ଠାନ ସ୍ଥାପନା ନିମିତ୍ତ ସଦସ୍ୟ ରାଷ୍ଟ୍ରଗୁଡିକ ଏକମତ ହୋଇଥିଲେ । ସଂଗଠନର ୪ର୍ଥ ବୈଠକ ୨୫ ଅକ୍ଟୋବର ୨୦୦୯ରେ ଥାଇଲାଣ୍ଡର ଛାମ୍ ଓ ହୁଆହିନ୍‌ଠାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା । କିନ୍ତୁ ରାଜନୀତିକ ଅସ୍ଥିରତା ଯୋଗୁ ଚିଆଙ୍ଗମାଇକୁ ସ୍ଥାନାନ୍ତରିତ ହୋଇଥିଲା । ୫ମ ବୈଠକ ୩୦ ଅକ୍ଟୋବର ୨୦୧୦ରେ ଭିଏତନାମର ହାନୋଇଠାରେ ହୋଇଥିଲା । ଆମେରିକାର ବୈଦେଶିକ ସଚିବ ହିଲାରୀ କ୍ଲିଣ୍ଟନଙ୍କ ସମେତ ରୁଷିଆ ବୈଦେଶିକ ମନ୍ତ୍ରୀ ଏଥିରେ ଯୋଗ ଦେଇଥିଲେ । ସଂଗଠନର ୬ଷ୍ଠ ବୈଠକ ୧୮-୧୯ ନଭେମ୍ବର ୨୦୧୧ରେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ହୋଇଥିଲା । ଆମେରିକା ଓ ରୁଷିଆକୁ ଏହି ବୈଠକ କାଳରେ ସଦସ୍ୟରାଷ୍ଟ୍ରର ମାନ୍ୟତା ପ୍ରଦାନ କରାଯାଇଥିଲା । ୭ମ ବୈଠକ ୧୯-୨୦ ନଭେମ୍ବର ୨୦୧୨ରେ କାମ୍ବୋଡିଆର ଫ୍ନମ୍‌ପେନ୍‌ଠାରେ ହୋଇଥିଲା । ଏଥିରେ ଦକ୍ଷିଣ ଚୀନ ସାଗର ସମସ୍ୟା, ପୂର୍ବଚୀନ ସାମୁଦ୍ରିକ ବ୍ୟାପାର ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରେ ବାଣିଜ୍ୟିକ ସଂପର୍କ ବୃଦ୍ଧି ନେଇ ମତପ୍ରକାଶ ପାଇଥିଲା । ୮ମ ବୈଠକ ୯-୧୦ଅକ୍ଟୋବର ୨୦୧୩ରେ ବ୍ରୁନେଇର ବନ୍ଦର ସେରି ବେଗାୱାନଠାରେ ଅନୁଷ୍ଠିତ ହୋଇଥିଲା । ୯ମ ବୈଠକ ୧୨-୧୩ ନଭେମ୍ବର ୨୦୧୪ରେ ମ୍ୟାନମାରର ନେପିଡଠାରେ, ୧୦ମ ବୈଠକ ୨୧,୨୨ ନଭେମ୍ବର ୨୦୧୫ରେ ମାଲେସିଆର କୁଆଲା ଲୁମ୍ପୁରଠାରେ, ୧୧ଶ ବୈଠକ ଲାଓସର ଭିଏନ୍‌ଟାଇନଠାରେ ଅନୁଷ୍ଠିତ ହୋଇଥିଲା । ସଂଗଠନର ୧୩ଶ ବୈଠକ ଆସନ୍ତାବର୍ଷ ସିଙ୍ଗାପୁରଠାରେ ଅନୁଷ୍ଠିତ ହେବାଲାଗି ସ୍ଥିର ହୋଇଛି ।

ସଂଗଠନର ୨ୟ ବୈଠକ ଫିଲିପାଇନସର ମାଣ୍ଡାଓଠାରେ ହୋଇଥିଲାବେଳେ ସିଙ୍ଗାପୁରର ନେତା ଲି କ୍ୱାନ ୟ ଭାରତ ସହ ଦକ୍ଷିଣ ପୂର୍ବ ଓ ପୂର୍ବ ଏସିଆର ମୁକ୍ତବାଣିଜ୍ୟ ନୀତିକୁ ଗ୍ରହଣ କରାଯିବା ଉପରେ ଜୋର ଦେଇଥିଲେ । ୨୧ ନଭେମ୍ବର ୨୦୦୬ରେ ଚୀନ-ଭାରତ ମିଳିତ ଘୋଷଣାନାମା ପ୍ରଥମେ ପ୍ରକାଶ ପାଇଥିଲା ।

ଦକ୍ଷିଣ ପୂର୍ବ ଏସିଆ ସଂଗଠନରେ ସଦସ୍ୟ ଭାବେ ସାମିଲ ହେବାକୁ ଇଷ୍ଟ ତିମୋର, ପାପୁଆ ନିଉଗିନି, ପାକିସ୍ତାନ, ମଙ୍ଗୋଲିଆ, ଇଉରୋପିୟ ୟୁନିଅନ, ଆରବ ଲିଗ୍, ଶ୍ରୀଲଙ୍କା, ମାଳଦ୍ୱୀପ ଆଦି ଦେଶଗୁଡିକର ନାମ ବିଚାର ଆଲୋଚନା ପାଇଁ ଆସିଥିଲେ ହେଁ ସେ ସଂପର୍କରେ ଏଯାଏ କୌଣସି ସ୍ଥାୟୀ ନିଷ୍ପତ୍ତି ନିଆଯାଇପାରିନାହିଁ ।

ଆସିଆନ୍ ବା ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ର ମହାସଂଘର ୧୦ଟି ଦେଶ ବ୍ରୁନେଇ, କାମ୍ବୋଡିଆ, ଇଣ୍ଡୋନେସିଆ, ଲାଓସ, ମାଲେସିଆ, ମ୍ୟାନମାର, ଫିଲିପାଇନ୍‌ସ, ସିଙ୍ଗାପୁର, ଥାଇଲାଣ୍ଡ, ଭିଏତନାମ ସହ ଦକ୍ଷିଣ ପୂର୍ବ ଏସିଆ ସଂଗଠନର ଅନ୍ୟ ସଦସ୍ୟମାନଙ୍କର ବର୍ଷକୁ ଗୋଟିଏ ଥର ପାଇଁ ଶିଖର ବୈଠକ ଅନୁଷ୍ଠିତ ହେଉଛି । ଚଳିତବର୍ଷ ଆର୍ଥିକ, ସାଂସ୍କୃତିକ, ସୁରକ୍ଷା ଓ ଚିକିତ୍ସା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ବ୍ୟାପକ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଆର୍ଥିକ, ଯୋଗାଯୋଗ, ସାମୁଦ୍ରିକ ବାଣିଜ୍ୟ, ସଡକପଥ ପରିବହନ, ଶିକ୍ଷାକ୍ଷେତ୍ରରେ ସହଯୋଗ ନେଇ ସଦସ୍ୟରାଷ୍ଟ୍ରମାନଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି । ଭାରତର ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ଏହି ସଂଗଠନର ଏକ ସଫଳ ପ୍ରୟୋଗ । ଏଥିରେ ପ୍ରାଚୀନ ବୌଦ୍ଧ ଶିକ୍ଷା କେନ୍ଦ୍ର ନାଳନ୍ଦାରେ ଆରମ୍ଭ ହୋଇଛି । ସଂଗଠନର ସଦସ୍ୟଭୁକ୍ତ ରାଷ୍ଟ୍ରର ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍ ଏକାଠି ଶିକ୍ଷା ଓ ଗବେଷଣାରେ ସାମିଲ ହେବାପାଇଁ ଉଦ୍ୟମ ଜାରି ରହିଛି । ଚଳିତବର୍ଷର ବୈଠକରେ କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡେଉଙ୍କ ସମେତ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ, ରୁଷିଆର ବୈଦେଶିକ ମନ୍ତ୍ରୀ ମେଡବେଡେଭ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚୀନର ପ୍ରଧାନମନ୍ତ୍ରୀ ଲିକେକ୍ୱିୟାନ, ଜାପାନ ରାଷ୍ଟ୍ରପତି ସିଞ୍ଜୋଆବେ, ଦକ୍ଷିଣ କୋରିଆର ରାଷ୍ଟ୍ରପତି ମୁନ୍‌ଜାଇ ଇନଙ୍କ ସମେତ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମାଲକମ୍ ଟର୍ଣ୍ଣବୁଲ, ବ୍ରୁନେଇର ସୁଲତାନ ହସନ୍‌ଅଲ ବୋଲକିଆ, କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ୍‌ସେନ୍, ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ, ଲାଓସର ପ୍ରଧାନମନ୍ତ୍ରୀ ଥୋଙ୍ଗଲାଉନ ସିସୌଲିଥ, ମାଲେସିଆର ପ୍ରଧାନମନ୍ତ୍ରୀ ନଜିବ ରଜ୍ଜାକ, ମ୍ୟାନମାର ନେତ୍ରୀ ଅଙ୍ଗସାନ୍ ସୁକୀ, ନିଉଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡେନ, ଫିଲିପାଇନସର ରାଷ୍ଟ୍ରପତି ରୋଡ୍ରିଗୋ ଦୁତେର୍ତେ, ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ହିସିଏନ ଲୁଙ୍ଗ, ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁତ ଚନ ଓଚା, ଭିଏତନାମ ପ୍ରଧାନମନ୍ତ୍ରୀ ଗ୍ୱେନ ଜୁଆନ ଫୁକ ପ୍ରମୁଖ ଯୋଗଦେଇଥିଲେ ।

**ଭାରତୀୟ ସମ୍ବାଦ ସେବା (ଭାସ୍)**
**ଭୁବନେଶ୍ୱର-୭୫୧୦୦୩**

# ରାଜନୀତିର ବାଦାନୁବାଦରେ ଓଡ଼ିଆ-ଅଣଓଡ଼ିଆ ଟିପ୍ପଣୀ

**ବାଦଲ ଭୂୟାଁ**

ସର୍ବଭାରତୀୟ ସେବାର ନିୟମ ଅନୁଯାୟୀ ତଥା ଆଇଏଏସ୍ ଶିକ୍ଷାନବିଶ ସମୟରେ, ସମ୍ପୃକ୍ତ ଅଧିକାରୀଙ୍କ ପସନ୍ଦ ଅନୁଯାୟୀ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଓ ସର୍ବଭାରତୀୟ ସେବାର ଅଧିକାରୀମାନଙ୍କୁ ବିଭିନ୍ନ ରାଜ୍ୟର କ୍ୟାଡ଼ର ପ୍ରଦାନ କରାଯାଇଥାଏ । ଜଣେ ଓଡ଼ିଆ ହୋଇଥିଲେ ବି ଅନ୍ୟ ରାଜ୍ୟର ପସନ୍ଦ ସେବା ସୂଚୀତ କରିଥିଲେ ଅନ୍ୟ ରାଜ୍ୟର କ୍ୟାଡ଼ର ପାଇ ନିଯୁକ୍ତି ସେବାରେ ନ୍ୟସ୍ତ ରୁହନ୍ତି । ସେହିପରି ଅନେକ ଅଣ-ଓଡ଼ିଆ ବ୍ୟକ୍ତି ଓଡ଼ିଶା କ୍ୟାଡ଼ର ପାଇ ଆମ ରାଜ୍ୟରେ ମଧ୍ୟ କାର୍ଯ୍ୟରତ । ତେବେ ନିକଟରେ ରାଜନୀତିକ ଟଣାଓଟରା ଭିତରେ ସର୍ବଭାରତୀୟ ପ୍ରଶାସନିକ ସେବାର ଅଧିକାରୀମାନଙ୍କୁ ଓଡ଼ିଆ ଓ ଅଣ-ଓଡ଼ିଆ ମନ୍ତବ୍ୟ ଶାସନ ଓ ପ୍ରଶାସନ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି କରିବା ସହ ଏହା ପ୍ରଶାସନିକ କ୍ଷେତ୍ରକୁ ଏକ ପ୍ରକାର ପରୋକ୍ଷ ଅପମାନ ବୋଲି ଅନେକ ଅଭିଜ୍ଞ ସର୍ବଭାରତୀୟ ସେବା ଅଧିକାରୀ ମତବ୍ୟକ୍ତ କରିଛନ୍ତି । ସର୍ବଭାରତୀୟ ସେବାର ଏହି ଦାୟିତ୍ୱସମ୍ପନ୍ନ ଅଧିକାରୀମାନଙ୍କୁ ରାଜ୍ୟ, ଭାଷା ବା ଜାତିଗତ ବିଚାରକୁ ନେଇ ବିଭେଦ କରାଯିବା ମଧ୍ୟ ଅନୁଚିତ । ନିକଟରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିଶ୍ଚିନ୍ତକୋଇଲି କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତଥା ଶକ୍ତିଶାଳୀ ତୃତୀୟ ମହଲା କଥା ଉଠାଯାଇ ଅଣ-ଓଡ଼ିଆ ଅଫିସରଙ୍କ ପ୍ରତି ମନ୍ତବ୍ୟ ଏବେ କେବଳ ରାଜ୍ୟରେ ନୁହେଁ ଜାତୀୟ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଓଡ଼ିଶାବାସୀ ବେଶ୍ ଭଲଭାବେ ଜାଣନ୍ତି ବାହାର ରାଜ୍ୟର ହୋଇ ମଧ୍ୟ ଓଡ଼ିଆ କ୍ୟାଡ଼ରର ଆଇଏଏସ୍ ଅଫିସର ମାନେ ବେଶ ଭଲ କାମ କରୁଛନ୍ତି । ବହୁ ଓଡ଼ିଆ ଅଫିସର ଅନ୍ୟ ରାଜ୍ୟ ତଥା କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ସର୍ବୋଚ୍ଚ ପଦବୀରେ ରହି ଓଡ଼ିଶାର ସୁନାମ ବଢ଼ାଇବାରେ ସଫଳ ହେବା ସହ ସମ୍ପୃକ୍ତ ବିଭାଗ ବା ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି । ଗୁଜୁରାଟ କ୍ୟାଡ଼ରର ଓଡ଼ିଆ ଆଇଏଏସ୍ ଅଧିକାରୀ ନୃପେନ୍ଦ୍ର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ରହିବା ସହ ତାଙ୍କର ପିଏମ୍‌ଓରେ ଯଥେଷ୍ଟ ପ୍ରଭାବ ରହିଥିବା ନେଇ ଆଲୋଚନା ହୁଏ । ଓଡ଼ିଆ ଆଇପିଏସ୍ ଅଧିକାରୀ ବାହାର ରାଜ୍ୟରେ ନିଜ କ୍ୟାଡ଼ରରେ ରହି ପୋଲିସ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି । ଭାରତର ମହାରାଷ୍ଟ୍ର, କେରଳ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ, ଦିଲ୍ଲୀ ଓ ୟୁନିୟନ ଟେରିଟୋରି କ୍ୟାଡ଼ରରେ ଗୁରୁତ୍ୱପୂର୍ଣ୍ଣ ସେବା ଦାୟିତ୍ୱ ନିର୍ବାହ କରୁଛନ୍ତି । ଏଠାରେ ସୂଚୀତ କରାଯାଇପାରେ ଯେ ସର୍ବଭାରତୀୟ ସେବା ନିୟମ ଅନୁଯାୟୀ କ୍ୟାଡ଼ର ଆବଣ୍ଟନ ପରେ ସମ୍ପୃକ୍ତ ଅଫିସରଙ୍କୁ ସେହି ରାଜ୍ୟ ସରକାର ଅଥବା କେନ୍ଦ୍ରୀୟ ଡେପୁଟେସନରେ ଥିବା ଅଫିସରଙ୍କୁ କେନ୍ଦ୍ର ସରକାର ନିଯୁକ୍ତି ଦେଇଥାନ୍ତି । ଅତୀତରେ ଅନେକ ଅଣ-ଓଡ଼ିଆ ଆଇଏଏସ୍ ଅଧିକାରୀ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପଦରେ ରହିଛନ୍ତି । ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ପରିଚିତ ଓଡ଼ିଆ ଆଇଏଏସ୍ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଓ ଉଷା ପାଢ଼ୀ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି ।

ଜଣେ ଓଡ଼ିଆ କେନ୍ଦ୍ର ହେଉ ବା ବାହାର ରାଜ୍ୟ ସେମାନେ ନିଜ କ୍ୟାଡ଼ରରେ ରହି ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନା ଭିତରେ ଓଡ଼ିଶା ସହ ପ୍ରଶାସନିକ ଓ ସାମାଜିକ ସମ୍ପର୍କ ବଢ଼ାଇବାରେ ବେଶ ସହାୟକ ହୋଇଥାନ୍ତି । ଜଣେ ଓଡ଼ିଆ ବାହାର ରାଜ୍ୟରେ ସର୍ବଭାରତୀୟ ସେବା ଅଧିକାରୀ ଥିବାବେଳେ ଓଡ଼ିଶାରୁ ଯାଇଥିବା ଯେ କୌଣସି ଜନସାଧାରଣ ମଧ୍ୟ ଅସୁବିଧା ସମୟରେ ସେମାନଙ୍କର ସାହାଯ୍ୟ ନେଇ କୃତଜ୍ଞତା ଜ୍ଞାପନ କରିବାର ଖବର ଅନେକ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଛି । କିନ୍ତୁ ବର୍ତ୍ତମାନର ରାଜନୈତିକ ବାଦାନୁବାଦ ଭିତରେ ଏହି ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ପ୍ରଶାସନିକ ଦକ୍ଷତା, ସରକାରଙ୍କ ପ୍ରତି ନିଷ୍ଠା, ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ ଓ କାର୍ଯ୍ୟଧାରା ଅତ୍ୟନ୍ତ ପ୍ରଶଂସନୀୟ । ଅନ୍ୟ ରାଜ୍ୟରେ ଥିବା ଓଡ଼ିଆ ସର୍ବଭାରତୀୟ ଅଧିକାରୀମାନେ ପ୍ରଶଂସାଭାଜନ ହୋଇ ରାଜ୍ୟର ଗୌରବ ମଧ୍ୟ ବଢ଼ାଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କେ.ପାଣ୍ଡିଆନଙ୍କୁ ନେଇ ଗଣମାଧ୍ୟମ ଓ ରାଜନୈତିକ ମହଲରେ ଅନେକ ଚର୍ଚ୍ଚା ଓ ଆଲୋଚନା ହୁଏ । ପ୍ରାୟତଃ ଗଣମାଧ୍ୟମ ଠାରୁ ଦୂରେଇ ସର୍ବଦା ପ୍ରଶାସନିକ ସେବାରେ ବ୍ୟସ୍ତ ରହି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ତୃତୀୟ ମହଲାର ମର୍ଯ୍ୟାଦା ରକ୍ଷା କରିବାରେ ତାଙ୍କ ଭୂମିକା ମଧ୍ୟ ପ୍ରଶଂସନୀୟ । ଯେ କେହି ସର୍ବଭାରତୀୟ ସେବା ଅଧିକାରୀ ଯେ କୌଣସି ମୁଖ୍ୟମନ୍ତ୍ରୀଙ୍କ ସଚିବ କାର୍ଯ୍ୟ ସମ୍ପାଦନା ସମୟରେ ଯେହେତୁ ସେ ତାଙ୍କ ବ୍ୟକ୍ତିଗତ ସଚିବ ତେଣୁ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସମ୍ପର୍କ ଘନିଷ୍ଠ ହେବା ସ୍ୱାଭାବିକ ଏବଂ ଏହା ମଧ୍ୟ ନିତ୍ୟାନ୍ତ ଆବଶ୍ୟକୀୟ । ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସହାୟତା କରିବା ସହ ରାଜ୍ୟର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେବାରେ କୌଣସି ଅସ୍ୱାଭାବିକତା ନାହିଁ ବୋଲି ପ୍ରାକ୍ତନ ପ୍ରଶାସନିକ ଅଧିକାରୀମାନେ ମତ ଦିଅନ୍ତି । ପାଣ୍ଡିଆନଙ୍କ ପୂର୍ବରୁ ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ର ମଧ୍ୟ ନବୀନ ବାବୁଙ୍କୁ ରାଜନୈତିକ ପରାମର୍ଶ ଦେବା ସହ ପ୍ରଶାସନକୁ ନିଜ ହସ୍ତମୁଠି ମାହଲ କରୁଥିବା ନେଇ ଶେଷ ପର୍ଯ୍ୟନ୍ତ ଚର୍ଚ୍ଚା ରହିଥିଲା । ବିଜେଡ଼ି ପରି ଏକ ପ୍ରଭାବଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳ ପରିଚାଳନାରେ ନବୀନ ବାବୁଙ୍କ ରାଜନୈତିକ ଗୋଟି ଚାଳନା ସର୍ବଭାରତୀୟ ବଡ଼ ବଡ଼ ନେତାଙ୍କ ରାଜନୈତିକ ବିଚାରଧାରାକୁ ମଧ୍ୟ ପ୍ରଭାବିତ କରିପାରିଛି । ଓଡ଼ିଶା ପରି ଭାଇଚାରା ଓ ଜାତି, ଧର୍ମ, ବର୍ଣ୍ଣ, ଭାଷାର ସଦ୍‌ଭାବନପୂର୍ଣ୍ଣ ପ୍ରଗତିଶୀଳ ରାଜ୍ୟରେ ଶାସନ ଓ ପ୍ରଶାସନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଅଗ୍ରଗତିରେ ସ୍ୱତନ୍ତ୍ରତା ରଖିଛନ୍ତି । ରାଜନୀତି ବିଚାର ଧାରାରେ ମନ୍ତବ୍ୟ, ପ୍ରତିବାଦ ତଥା ବାଦାନୁବାଦ ରହିବା ସ୍ୱାଭାବିକ । କିନ୍ତୁ ଏହି ବାଦାନୁବାଦ ଭିତରେ ରାଜ୍ୟର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ସର୍ବଭାରତୀୟ ସେବା ସ୍ତରର ଅଧିକାରୀମାନଙ୍କୁ ଏହା ଭିତରକୁ ଟାଣିବାକୁ ନେଇ ଯେଉଁ ପ୍ରୟାସ ଅନେକ ସମୟରେ ହୋଇଥାଏ ତାହା ରାଜ୍ୟର ସୁନାମକୁ ବଢ଼ାଇ ପାରିବ ନାହିଁ ବରଂ ଜଣେ ଓଡ଼ିଆ ଭାବରେ ଏହି ପ୍ରଶାସନିକ ଅଧିକାରୀମାନଙ୍କ ସେବା ଦାୟିତ୍ୱ ନିର୍ବାହ ବେଳେ ଆମ ସମସ୍ତଙ୍କର ସହଯୋଗ ଅତ୍ୟନ୍ତ ଜରୁରୀ ।

*ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫*

# ତିନି ପ୍ରକାର ଶ୍ରବଣ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଜଣେ ରାଜାଙ୍କ ଦରବାରରେ ମନ୍ତ୍ରୀ, ପଣ୍ଡିତ ଓ କଳାକାରମାନେ ନିଜ ନିଜ ସ୍ଥାନରେ ବସିଥିଲେ । ରାଜା ଓ ମନ୍ତ୍ରୀମାନେ ନିଜର ବୁଦ୍ଧି ଓ ଜ୍ଞାନ ପାଇଁ ସୁନାମ ଅର୍ଜନ କରିଥିଲେ । ଦିନେ ଜଣେ ଋଷି ରାଜସଭାକୁ ଆସିଲେ । ତାଙ୍କୁ ଯଥୋଚିତ ସମ୍ମାନର ସହ ସ୍ୱାଗତ କରାଗଲା । ରାଜା ତାଙ୍କୁ ପଚାରିଲେ, 'ହେ ମହାତ୍ମା ! ମୁଁ ଆପଣଙ୍କର ଆଗମନର କାରଣ ଜାଣିପାରେ କି ? ଆଜି ଏଠାରେ ଆପଣଙ୍କର ଉପସ୍ଥିତି ଯୋଗୁଁ ଆମେ ମାନେ ଅତିଶୟ ଆନନ୍ଦିତ ।' ଋଷି ଉତ୍ତର ଦେଲେ, 'ହେ ରାଜା, ତୁମର ଦରବାର ନିଜର ବୁଦ୍ଧି ଓ ଜ୍ଞାନ ପାଇଁ ସୁପ୍ରସିଦ୍ଧ । ମୁଁ ତିନୋଟି ସୁନ୍ଦର କଣ୍ଢେଇ ଆଣିଛି । ମୁଁ ତୁମର ମନ୍ତ୍ରୀମାନଙ୍କ ଦ୍ୱାରା ଏହି କଣ୍ଢେଇ ଗୁଡ଼ିକର ମୂଲ୍ୟାଙ୍କନ କରିବାକୁ ଚାହୁଁଛି ।' ସେ ରାଜାଙ୍କୁ କଣ୍ଢେଇ ତିନୋଟି ଦେଲେ । ରାଜା ତାଙ୍କର ବରିଷ୍ଠତମ ମନ୍ତ୍ରୀଙ୍କୁ ପରୀକ୍ଷଣ ଓ ମୂଲ୍ୟାଙ୍କନ ସକାଶେ କଣ୍ଢେଇ ଦେଲେ । ମନ୍ତ୍ରୀ କଣ୍ଢେଇଗୁଡ଼ିକୁ ଥରଟିଏ ମାତ୍ର ଚାହିଁଲେ ଏବଂ ଗୋଟିଏ ଲୁହା ତାର ଆଣିବା ପାଇଁ ଜଣେ ଦୂତକୁ କହିଲେ ।

ମନ୍ତ୍ରୀ ଗୋଟିଏ କଣ୍ଢେଇର ଡାହାଣ କାନରେ ତାରଟି ଭର୍ତ୍ତି କଲେ । ତାରଟି ବାମ କାନ ବାଟେ ବାହାରି ଆସିଲା । ସେ ସେଇଟିକୁ ଅଲଗା ରଖିଲେ । ସେ ଆଉ ଗୋଟିଏ କଣ୍ଢେଇ ନେଲେ ଏବଂ ପୁଣି ଥରେ ଡାହାଣ କାନରେ ତାର ଭର୍ତ୍ତି କଲେ । ଏହା କଣ୍ଢେଇର ପାଟି ବାଟେ ବାହାରି ଆସିଲା । ସେ ସେହି କଣ୍ଢେଇକୁ ଗୋଟିଏ ସ୍ଥାନରେ ରଖିଲେ । ସେ ତୃତୀୟ କଣ୍ଢେଇଟି ନେଇ ସେଥିରେ ତାର ଭର୍ତ୍ତି କଲେ । ଏହା ଅନ୍ୟ କାନ ବାଟେ ବା ପାଟି ବାଟେ ବାହାରିଲା ନାହିଁ । ରାଜା ଓ ସଭାସଦ୍‌ମାନେ ଉତ୍କଣ୍ଠାର ସହିତ ଏହି ଦୃଶ୍ୟ ଦେଖୁଥାନ୍ତି । ମନ୍ତ୍ରୀ ଋଷିଙ୍କୁ ପ୍ରଣତି ଜଣାଇ କହିଲେ, 'ହେ ମହାତ୍ମା ! ତିନୋଟି କଣ୍ଢେଇ ମଧ୍ୟରୁ ତୃତୀୟଟି ସବୁଠାରୁ ଭଲ । ତିନୋଟି କଣ୍ଢେଇ ପ୍ରକୃତରେ ତିନି ପ୍ରକାର ଶ୍ରବଣର ପ୍ରତୀକ । ପୃଥିବୀରେ ତିନି ପ୍ରକାର ଶ୍ରୋତା ଅଛନ୍ତି । ପ୍ରଥମ ପ୍ରକାର ଶ୍ରୋତା ସବୁ କଥା ଶୁଣି ଏକାନରେ ପୂରାଇ ସେକାନରେ ବାହାର କରି ଦିଅନ୍ତି । ଦ୍ୱିତୀୟ ପ୍ରକାର ଶ୍ରୋତା ମନ ଦେଇ ଶୁଣନ୍ତି ଏବଂ ଯାହା ଶୁଣିଛନ୍ତି ତାହା କହିବା ସକାଶେ ସେଗୁଡ଼ିକୁ ମନେ ରଖନ୍ତି । ତୃତୀୟ ପ୍ରକାର ଶ୍ରୋତା ଯାହା ଶୁଣନ୍ତି ତାହା ହୃଦୟ ଭିତରେ ସାଇତି ରଖନ୍ତି । ସେମାନେ ହିଁ ସର୍ବୋତ୍ତମ ଶ୍ରୋତା ।' କଣ୍ଢେଇଗୁଡ଼ିକର ସଫଳ ମୂଲ୍ୟାୟନ ଯୋଗୁଁ ଋଷି ରାଜା ଓ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ଏବଂ ଉଭୟଙ୍କୁ ଆଶୀର୍ବାଦ କରି ରାଜସଭାରୁ ବିଦାୟ ନେଲେ । ନବଧା ଭକ୍ତି ମଧ୍ୟରେ ଶ୍ରବଣ ପ୍ରଥମ ଓ ପ୍ରଧାନ । ଜ୍ଞାନୀମାନଙ୍କ ବଚନ ଶୁଣିବା ପରେ ଆମେ ସେଗୁଡ଼ିକର ଅର୍ଥ ଓ ସନ୍ଦେଶକୁ ଆମ ମନ ଭିତରେ ମନନ କରିବା ଉଚିତ ଏବଂ ଆମ ଜୀବନକୁ ଉନ୍ନତ କରିବା ସକାଶେ ସେଗୁଡ଼ିକୁ ଅଭ୍ୟାସରେ ପରିଣତ କରିବା ଉଚିତ ।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର 'ସତ୍ୟାନୁସରଣ'ରେ ଉଲ୍ଲେଖ କରିଛନ୍ତି - ଯାହାଙ୍କୁ ତୁମେ ଚାଳକରୂପେ ମନୋନୀତ କରି ନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ । ଗୋପନ କରିଲେ ତାଙ୍କୁ ଅବିଶ୍ୱାସ କରାହେବ, ଅର୍ଥାତ୍ ଅବିଶ୍ୱାସରେ ହିଁ ଅଧଃପତନ । ଚାଳକ ଅନ୍ତର୍ଯ୍ୟାମୀ, ଯଦି ଠିକ୍ ଠିକ୍ ବିଶ୍ୱାସ ହୁଏ, ତେବେ ତୁମେ କୁକାର୍ଯ୍ୟ ଆଦୌ କରିପାରିବ ନାହିଁ । ଆଉ ଯଦି ବା କରି ପକାଅ, ତେବେ ନିଶ୍ଚୟ ସ୍ୱୀକାର କରିବ । ଆଉ, ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରମଣ କରିଛି - ସାବଧାନ ହୁଅ, ନଚେତ୍ ଅନେକ ଦୂରକୁ ଗଡ଼ିଯିବ । ଯେଉଁ ଖିଆଲ ବିବେକର ଅନୁଚର, ତାହାରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ । ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ । ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ । ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାର କଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହାହିଁ କୁକର୍ମ । ଯେଉଁ କର୍ମ ମଣିଷ ପାଖରେ କହିଲେ ମୁହଁରେ କାଳିମା ପଡ଼େ, ତାହା କରିବାକୁ ଯାଅନାହିଁ । ଘୃଣା-ଲଜ୍ଜା-ଭୟରେ ଗୋପନୀୟତା ଯେଉଁଠି ସେହିଠାରେ ହିଁ ଦୁର୍ବଳତା, ସେହିଠାରେ ହିଁ ପାପ ।

*ସହ-ପ୍ରତିରଦ୍ୱିକ, କଟକ, ଦୂରଭାଷ : ୯୪୩୭୦୫୧୯୫୭*